# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 June – 2026

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯାଇ ୪୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୩୯ଟି ପ୍ରକଳ୍ପର କଲେ ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ
- ଜାତୀୟ ଶିକ୍ଷାନୀତି ଅନୁଯାୟୀ ରାଜ୍ୟର ବିଦ୍ୟାଳୟଗୁଡ଼ିକ ବର୍ଷକୁ ୨୩୦ ଦିନ ଖୋଲାରହିବ
- 'ଆମେ ଜାଣୁ ବିଶ୍ୱବାହାରେ ଆମ ସମୁଦ୍ର ସହିତ ଏକ ନୂତନ ସମ୍ପର୍କ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମହାସାଗର ଦିବସ
- ଶିକ୍ଷା ଓ ମନୋରଞ୍ଜନର ବେତାରବାଣୀ– ଆକାଶବାଣୀ ଆଜି ପୂରଣ କଲା ୯୦ ବର୍ଷ

ଏବଂ

- ଦେଶର ୧୨ଟି ରାଜ୍ୟକୁ ସ୍ପର୍ଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ; ଆସନ୍ତା ୪ ଦିନ ମଧ୍ୟରେ ଓଡ଼ିଶାରେ ପ୍ରବେଶ କରିବା ନେଇ ଅନୁମାନ

Desk

## ମୁଖ୍ୟମନ୍ତ୍ରୀ– ବାରିପଦା ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜର ଜିଲ୍ଲା ବାରିପଦା ଗସ୍ତ କରି ୪୩୦ କୋଟି ୬୨ ଲକ୍ଷ ଟଙ୍କ ମୂଲ୍ୟର ୩୯ଟି ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶୁଭାରମ୍ଭ କରିଛନ୍ତି। ମୟୂରଭଞ୍ଜସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ନବନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଲୋକାର୍ପଣ କରିଛନ୍ତି। ଏହି ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ବାରିପଦା କଲେଜ ପଡ଼ିଆରେ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

**- V/O –**

HS

## ନୂଆ ସ୍କୁଲ ସମୟସାରଣୀ

ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ରାଜ୍ୟରେ ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ଶିକ୍ଷାବର୍ଷରେ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଏକୀକୃତ ସମୟସାରଣୀକୁ କାର୍ଯ୍ୟ କରିବା ନେଇ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ କୁହାଯାଇଛି। ନିର୍ଦ୍ଦେଶନାମା ଅନୁସାରେ, ବିଦ୍ୟାଳୟଗୁଡ଼ିକ ବର୍ଷକୁ ମୋଟ ୨୩୦ ଦିନ ଚାଲିବ। ସେଥିମଧ୍ୟରୁ ୧୯୦ ଦିନ ସାଧାରଣ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ରହିବ। ୨୦ ଦିନ ମୂଲ୍ୟାୟନ

ପରୀକ୍ଷା ରହିବ ଏବଂ ଅବଶିଷ୍ଟ ୨୦ ଦିନ ବାର୍ଷିକ ଉତ୍ସବ, କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ରହିବ ବୋଲି ସମୟସାରଣୀରେ ଉଲ୍ଲେଖ ଅଛି। ଛାତ୍ରଛାତ୍ରୀମାନେ ୧୦ ଦିନ ବିନା ବ୍ୟାଗରେ ବିଦ୍ୟାଳୟ ଆସିବେ ଓ କାର୍ଯ୍ୟକଳାପ ଆଧାରିତ, ଅନୁଭୂତି ମୂଳକ ଓ କୌଶଳ ବିକାଶ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ନୂତନ ବ୍ୟବସ୍ଥା ଅନୁଯାୟୀ, ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ ଏବଂ ସକାଳ ସାଢ଼େ ୬ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଶନିବାର ଦିନ ସ୍କୁଲ ଖୋଲା ରହିବ।  ଛାତ୍ରଛାତ୍ରୀଙ୍କ ଉପରେ ଶିକ୍ଷାଗତ ଚାପ କମାଇବା ସହ ଶିକ୍ଷା ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି।

Desk

# ପିଏମ୍ ଗରିବ କଲ୍ୟାଣ

ଦେଶରେ ଗରିବଙ୍କ ପାଇଁ ସରକାରଙ୍କ ୧୨ ବର୍ଷର ବିକାଶମୂଳକ ଯାତ୍ରା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋକପାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ଅନେକ ପରିବର୍ତ୍ତନ ଦେଖିଛି ଏବଂ ଏହି ପରିବର୍ତ୍ତନର ମୂଳ ହେଉଛି ଗରିବ କଲ୍ୟାଣ ଓ ଦଳିତମାନଙ୍କ ଉତ୍ଥାନ । ସେ କହିଛନ୍ତି, ସରକାର ସବୁବେଳେ ଅନ୍ତ୍ୟୋଦୟ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି ଏବଂ ଦଶନ୍ଧି ଦଶନ୍ଧି ଧରି

ଅବହେଳିତ ଅବସ୍ଥାରେ ଥିବା ଲୋକଙ୍କ ପାଖରେ ପହଞ୍ଚିବା ଲାଗି ସରକାର ପ୍ରୟାସ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଜନଧନ ଯୋଜନାରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ, ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନା ଗରିବ ଓ ଅବହେଳିତ ଲୋକଙ୍କ ପାଇଁ ସମ୍ମାନର ସହ ବଞ୍ଚିବା ଲାଗି ସୁଯୋଗ ପ୍ରଦାନ କରିଛି । ସେ କହିଛନ୍ତି, ଗରିବମାନଙ୍କ କଲ୍ୟାଣ ଓ ସେମାନଙ୍କ ଜୀବନଧାରଣର ମାନ ସହଜ ଓ ଉନ୍ନତ କରିବା ଲାଗି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

Desk

# ଆକାଶବାଣୀ-୯୦ ଇୟର୍ସ

ଆକାଶବାଣୀ ଆଜି ୯୦ ବର୍ଷରେ ପଦାର୍ପଣ କରିଛି । ଆଜିର ଦିନରେ ୧୯୩୬ ମସିହାରେ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡକାଷ୍ଟିଂ ସର୍ଭିସ୍‌କୁ, ଅଲ୍ ଇଣ୍ଡିଆ ରେଡିଓ ନାମରେ ନାମିତ କରାଯାଇଥିଲା । ସେହିଦିନ ଦେଶର ସାଂସ୍କୃତିକ, ସୂଚନା ଓ ପ୍ରସାରଣ ଇତିହାସରେ ଏକ ବୈପ୍ଲବିକ ପରିବର୍ତ୍ତନ ଘଟିଥିଲା ।

ସ୍ୱାଧୀନତା ପରେ ଅଲ୍ ଇଣ୍ଡିଆ ରେଡିଓ ଦ୍ରୁତଗତିରେ ବିକାଶ ଲାଭ କରିଥିଲା ଓ ପରେ ୧୯୫୬ ମସିହାରେ ଏହାକୁ 'ଆକାଶବାଣୀ' ନାମରେ ନାମିତ କରାଯାଇଥିଲା । ଏବେ ସାରା ଦେଶରେ ଆକାଶବାଣୀର ୫୯୧ଟି

କେନ୍ଦ୍ର ଜରିଆରେ ୯୮ ପ୍ରତିଶତ ଜନସାଧାରଣଙ୍କ ନିକଟରେ ସୂଚନା ଓ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ପହଞ୍ଚାଯାଇ ପାରୁଛି । ବିଭିନ୍ନ ବୟସ ବର୍ଗର ଜନସାଧାରଣଙ୍କ ଲାଗି ୨୩ଟି ଭାଷା ଏବଂ ୧୪୬ଟି ଉପଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି । ଆକାଶବାଣୀର ବିଦେଶ ସେବା ବିଭାଗ ୧୦୦ଟି ଦେଶକୁ ଏହାର ପ୍ରସାରଣ ଜାରି ରଖିଛି । ବହୁଜନ ହିତାୟ, ବହୁଜନ ସୁଖାୟର ବାର୍ତ୍ତା ନେଇ ଆକାଶବାଣୀ ସମ୍ବାଦ ସେବା ବିଭାଗ ଦେଶର ପ୍ରମୁଖ ଭାଷା ଓ ଉପଭାଷାରେ ନିରବଚ୍ଛିନ୍ନ ଭାବେ ସମ୍ବାଦ ଓ ସୂଚନା ପ୍ରସାରଣ କରି  ରେଡିଓ ପ୍ରସାରଣ ମାନ ରକ୍ଷା ଦିଗରେ ମାଇଲଖୁଣ୍ଟ ସ୍ଥାପନ କରିଛି ।

Desk

## ବିଶ୍ୱ ମହାସାଗର ଦିବସ

ମହାସାଗରର ଗୁରୁତ୍ୱ ଏବଂ ଏହା ସହ ଯୋଡ଼ି ହୋଇଥିବା ବିଷୟ ଖାଦ୍ୟ ସୁରକ୍ଷା, ଜୈବ ବିବିଧତା, ପରିବେଶ ସନ୍ତୁଳନକୁ ନେଇ ଧ୍ୟାନ ଆକର୍ଷଣ କରିବା ଦିଗରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ମହାସାଗର ଦିବସ ରୂପେ ପାଳନ କରାଯାଉଛି। ମୁଖ୍ୟତଃ ପୃଥିବୀ ପୃଷ୍ଠରେ ୫ଟି ମହାସାଗର ରହିଛି। ପୃଥିବୀର ମୋଟ୍ ଆୟତନ ମଧ୍ୟରୁ ୭୦ ପ୍ରତିଶତ ମହାସାଗରରେ ପରିବେଷ୍ଟିତ। ଏସିଆ ଓ ଆମେରିକା ମଧ୍ୟରେ ଥିବା ପ୍ରଶାନ୍ତମହାସାଗର ପୃଥିବୀର ସବୁଠାରୁ ବୃହତ୍ତମ ଏବଂ ଗଭୀରତମ

ମହାସାଗର। ପୃଥିବୀର ମୋଟ ମହାସାଗରୀୟ ଜଳ ମଧ୍ୟରୁ ପ୍ରଶାନ୍ତ ମହାସାଗରରେ ୭୦ ପ୍ରତିଶତରୁ ଅଧିକ ପାଣି ରହିଛି। ମନୁଷ୍ୟ ଏବଂ ଜୀବଜଗତ ନେଉଥିବା ଅମ୍ଳଜାନର ଅଧାରୁ ଅଧିକ ସାମୁଦ୍ରିକ ଉଦ୍ଭିଦରୁ ମିଳିଥାଏ। ଚଳିତ ବର୍ଷ ବିଶ୍ୱ ମହାସାଗର ଦିବସର  ବାର୍ତ୍ତା ରହିଛି 'ଆମେ ଜାଣୁ ବିଶ୍ୱବାହାରେ ଆମ ସମୁଦ୍ର ସହିତ ଏକ ନୂତନ ସମ୍ପର୍କ'। ପୃଥିବୀ ପୃଷ୍ଠରେ ଜୀବଜଗତକୁ ଅସ୍ତିତ୍ୱ ଦେବାରେ ମହାସାଗରର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ।

ବିଶ୍ୱ ମହାସାଗର ଦିବସ ଅବସରରେ ସମୁଦ୍ରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଂକଳ୍ପବଦ୍ଧ ହେବା ଏବଂ ଅମୂଲ୍ୟ ପ୍ରାକୃତିକ ସମ୍ପଦକୁ ଆଗାମୀ ପିଢ଼ିଙ୍କ ପାଇଁ ସଂରକ୍ଷିତ ରଖିବାରେ ନିଜର ଦାୟିତ୍ୱ ପାଳନ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି।

Desk

## ୟୁପିଏସ୍‌ସି

ୟୁପିଏସ୍‌ସି ସିଭିଲ ସର୍ଭିସ୍ ଆଶାୟୀମାନଙ୍କ ପାଇଁ ଦେୟମୁକ୍ତ କୋଚିଂ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆଜିଠାରୁ ସାମ୍ସ ପୋର୍ଟାଲରେ ଦରଖାସ୍ତ ଆହ୍ୱାନ କରାଯାଇଛି।

ରାଜ୍ୟ ସରକାର କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁପିଏସ୍‌ସି ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାର ବୃଦ୍ଧି ପାଇଁ ୨୦୦ ଜଣ

ଯୁବକ-ଯୁବତୀଙ୍କୁ ମାଗଣାରେ କୋଚିଂ ସୁବିଧା ଯୋଗାଇଦେବେ। ଏଥିପାଇଁ ଆସନ୍ତା ୨୮ ତାରିଖରେ ଏକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନେ ଆସନ୍ତା ୨୪ ତାରିଖରେ ସାମ୍ସ ପୋର୍ଟାଲରୁ ଆଡମିଟ୍ କାର୍ଡ  ଡାଉନଲୋଡ୍ କରିପାରିବେ। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨୦୦ ଜଣଙ୍କୁ ମାଗଣା କୋଚିଂ ସୁବିଧା ମିଳିବ। ଇଚ୍ଛୁକ ଆଶାୟୀମାନେ ଚଳିତମାସ ୧୯ ତାରିଖ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ସାମ୍ସ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ।

Nabarangpur

## ବୁଝାମଣାପତ୍ର

ରାଜ୍ୟର ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଓଡ଼ିଶା ଜୀବିକା ମିଶନ ଏବଂ ଭୁବନେଶ୍ୱରସ୍ଥିତ ଶିକ୍ଷାନୁଷ୍ଠାନ– ଆଇ.ଆଇ.ଆଇ.ଟି' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଆଭାସୀ ଜରିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା ଏବଂ ଲକ୍ଷପତି ଦିଦିମାନେ ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକର ୫ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର କରୁଥିବା ୨୦ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

Rayagada/Boudh/Nabarangpur/Kendrapara

# ଜନଅଭିଯୋଗ ଶୁଣାଣି

ରାଜ୍ୟର ସମସ୍ତ ଜିଲ୍ଲା ସଦରମହକୁମା, ବ୍ଲକ ଏବଂ ଅନ୍ୟ ସ୍ଥାନଗୁଡ଼ିକରେ ସାପ୍ତାହିକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି ।

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିଠାରେ ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଓ ଆରକ୍ଷୀ ଅଧୀକ୍ଷକ କାଶ୍ୟପାର୍ଥ ଜଗଦୀଶ ଯୋଗଦେଇ ୨୨ଟି ଅଭିଯୋଗର ଶୁଣାଣି କରିଛନ୍ତି ।

କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍.ଆୟାର ପଞ୍ଜୀକୃତ ୧୦୧ଟି ଅଭିଯୋଗ ମଧ୍ୟରୁ ୧୦ଟି ମାମଲାର ତୁରନ୍ତ ସମାଧାନ କରାଯାଇଛି । ୭ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୨ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ଜିଲ୍ଲାପାଳ ମଞ୍ଜୁର କରିଛନ୍ତି ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ୮୦ଟି ଅଭିଯୋଗ ମଧ୍ୟରୁ ୪୩ଟି ଅଭିଯୋଗର ସମାଧାନ କରାଯାଇଛି ।

ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଯୋଗଦେଇ ପଞ୍ଜୀକୃତ ହୋଇଥିବା ୨୦ଟି ଅଭିଯୋଗ ଶୁଣାଣି କରିଥିଲେ ।

BHK

# ହାଟପିଣ୍ଡି ନିର୍ମାଣ

ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ଏବଂ ଭଦ୍ରକ ନିୟନ୍ତ୍ରଣ ବଜାର କମିଟି ପକ୍ଷରୁ ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ହାତୀଡିହଠାରେ ୭୬ ଲକ୍ଷ ଟଙ୍କା ବ୍ୟୟରେ ହାଟପିଣ୍ଡି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଧାମନଗର, ଭଣ୍ଡାରୀପୋଖରୀ ଓ ଯାଜପୁର ଜିଲ୍ଲାର ଚାଷୀମାନେ କୃଷି ଜାତଦ୍ରବ୍ୟ ବିକ୍ରିବଟା କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ଏହା ସୁଦୃଢ଼ କରିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବର୍ତ୍ତମାନ ଦେଶର ୧୨ଟି ରାଜ୍ୟକୁ ସ୍ପର୍ଶ କରିଛି। ତ୍ରିପୁରା, ନାଗାଲାଣ୍ଡ, ଆସାମ ଓ ଅରୁଣାଚଳ ପ୍ରଦେଶରେ ମୌସୁମୀବାୟୁ ଗତକାଲି ପ୍ରବେଶ କରିଛି। ଗୁଜୁରାଟ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟଗୁଡ଼ିକରେ ପ୍ରାକ୍ ମୌସୁମୀ ବର୍ଷା ଅନୁଭୂତ ହୋଇଛି। ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳକୁ ପ୍ରବେଶ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ମୌସୁମୀ ରାଜ୍ୟକୁ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଛି। ଏହା ସହିତ

କାଳବୈଶାଖୀର ସମ୍ଭାବନାକୁ ଦୃଷ୍ଟିରେ ରଖି ଆଜି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଛି ।

ମୟୂରଭଞ୍ଜ ଜିଲ୍ଲାର ସାରସକଣାଠାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୫୩ ମିଲିମଟର ବର୍ଷା ହୋଇଥିବା ବେଳେ ଚନ୍ଦନପୁରଠାରେ ୫୦ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।